





**କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ଘଟଣା**

# ୯ ଜଣଙ୍କ ନାଁରେ ଯିବ ନୋଟିସ୍

**କଟକ, ୨୩।୧୨(ସମିସ)**

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅସ୍ୱାଭାବିକ ମୃତ୍ୟୁ ବିବାଦକୁ ନେଇ ମର୍କତନଗର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୧ ତାରିଖରେ ତାଙ୍କ ମା' ଶେଫାଳୀ ସୁନା ମର୍କତନଗର ଥାନାରେ ଏତଲା ଦେବା ପରେ ପୁଲିସ ୯ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ୭ଦିନ ମଧ୍ୟରେ ସମସ୍ତଙ୍କୁ ନୋଟିସ୍ ଦିଆଯିବ ଏବଂ ଏହା ପରେ ଜେରା ଆରମ୍ଭ ହେବ। ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆଇନର ପ୍ରକ୍ରିୟା ଅନୁଯାୟୀ ଏତଲା ହୋଇଥିବା ବ୍ୟକ୍ତି ବିଶେଷ ମାନଙ୍କର ସାକ୍ଷ୍ୟପ୍ରମାଣ ଗ୍ରହଣ କରାଯିବ। ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଏହି ମାମଲାର ତଦନ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କେନ୍ଦ୍ରିତ ହୋଇଛି। ପ୍ରଥମ ଦିଗଟି ହେଉଛି ମାନସିକ ନିର୍ଯାତନା। ଏଥିପାଇଁ ପୁଲିସ ମୁଖ୍ୟତଃ ହ୍ୟୁମାନଙ୍କ ମୋବାଇଲ୍ ସିଡିଆର୍ ଏବଂ ହ୍ୱାଟସ୍‌ଆପ୍ ଚାଟ୍ ଯାଞ୍ଚ କରିବା ସହ ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସବୁ ଅଭିଯୋଗ ହୋଇଛି ସେମାନଙ୍କ ବୟାନ ରେକର୍ଡ କରିବ। ଦ୍ୱିତୀୟ ଦିଗଟି ଟଙ୍କା ପଇସା ହଡ଼ପ ବା ଆର୍ଥିକ ହେରଫେର। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ ପୁଲିସ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଆର୍ଥିକ କାରବାର ଯାଞ୍ଚ କରିବ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମରେ ହୋଇଥିବା ନୂଆ ଦିଗ ଖୋଜିବ। ତୃତୀୟ ଦିଗଟି ହେଉଛି ବିଷକ୍ରିୟା

**ମର୍କତନଗର ଥାନାରେ ହେବ ଜେରା**



ସନ୍ଦେହ, ଯାହାର ତଦନ୍ତ କରିବା ପୁଲିସ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ଏମ୍ସରେ ହ୍ୟୁମାନଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇନଥିଲା ଏବଂ ମରଶରୀରକୁ କବର ଦିଆସରିଛି। ଏବେ ଏହା ତଦନ୍ତରେ ସମସ୍ୟା ସୃଷ୍ଟି କରିପାରେ ବୋଲି ପୁଲିସ ଅନୁମାନ କରୁଛି।

ପୁଲିସ ସୂଚନା ଅନୁସାରେ, ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତାଙ୍କ ସମେତ ଡାକ୍ତର ସୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଙ୍ଗୀତ ନିର୍ଦ୍ଦେଶକ ସୋମେଶ ଶତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଆବିଦ୍‌ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା' ଶେଫାଳୀ ନିବେଦନ କରିଥିଲେ। ଏବେ ପୁଲିସ ଏହାକୁ ଗୁରୁତର ସହିତ ଗ୍ରହଣ କରି ତଦନ୍ତ ଜାରି ରଖିଛି।

# ଏ.କେ. ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ, ୨୩।୧୨(ସମିସ):** କଟକର ଦଧିବାମନପୁର ୪୨ ମୌଜାସ୍ଥିତ ଏ.କେ. ବିଦ୍ୟାମନ୍ଦିରରେ ତିନି ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ମହୋତ୍ସବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ ସୁନାମଣି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଚନ୍ଦନା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ଏ.କେ. ଖିଲ୍ଲାର, ଏକାଡେମିକ ଡାଇରେକ୍ଟର ଡ. ପି.ସି. ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀ କ୍ଷେତ୍ରମୋହନ ସେନାପତି ଏବଂ କ୍ରୀଡ଼ା ଶିକ୍ଷକ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶତାବ୍ଦୀ ସ୍ୱାଗତିକା ସୂଚାରୁ ରୂପେ ସଞ୍ଚାଳନ କରିଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗ କରିଥିଲେ।




**ପରିବହନ ବିଭାଗର ବେପରୁଆ କାମ**

# ଫଟୋ ଉଠାଇ ଚାଲାଣ କାଟିବା ଅଡୁଆ ବଢ଼ାଇଛି

**କଟକ, ୨୩।୧୨(ସମିସ):** ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଫଟୋ ଉଠାଇ ଚାଲାଣ କଟାଯାଉଛି। ପରିବହନ ବିଭାଗ ଏବଂ ଟ୍ରାଫିକ ପୁଲିସ ପକ୍ଷରୁ ଏହି ଢ଼ଙ୍ଗରେ ଚାଲାଣ କାଟିବା ଜାରି ରହିଥିବା ବେଳେ ଏବେ ମାଳମାଳ ଅଭିଯୋଗକାରୀ ସାମ୍ନାକୁ ଆସିଲେଣି। ଘରେ ଗାଡି ପାର୍କିଂ ହୋଇଥିବା ବେଳେ ସେମାନଙ୍କ ନାମରେ ଚାଲାଣ ରହିଛି। ପରିବହନର ବେପରୁଆ କାମ ଯୋଗୁଁ ସମ୍ପୃକ୍ତ ଗାଡିଚାଳକ ମାନେ ଏବେ ପିୟୁସିସି ସାର୍ଟିଫିକେଟ ପାଇବାରେ ସମସ୍ୟା ଭୋଗୁଛନ୍ତି। ପିଠାପୁର ଅଞ୍ଚଳର ମାନସ କୁମାର ଜେନା ଅଭିଯୋଗ କରିଛନ୍ତି ଯେ, ଆଜି ସେ ପିୟୁସିସି ସାର୍ଟିଫିକେଟ କାଢ଼ିବା ନିମନ୍ତେ ଯାଇଥିଲେ। ହେଲେ ପିୟୁସିସି ସେଣ୍ଟରକୁ ଯିବା ପରେ ତାଙ୍କ ଗାଡି ନାମରେ ୧ହଜାର ଟଙ୍କାର ଚାଲାଣ ଥିବା କୁହାଯାଇଥିଲା। ମାନସ ଖୋଳତାଡ଼ କରିବା ପରେ ପରିବହନ ବିଭାଗର ଖାମଖିଆଲି ଯୋଗୁଁ ସେ ଫସି ଥିବା ଜାଣିବାକୁ ପାଇଥିଲେ। ମାନସଙ୍କ ଗାଡି ନମ୍ବର ହେଉଛି, ଓଡି-୦୫-ଏଏଚ୍-୪୮୪୮। ହେଲେ ଚାଲାଣରେ ସଂଯୋଗ କରାଯାଇଥିବା ଫଟୋରେ ଗାଡି ନମ୍ବର ରହିଛି ଓଡି-୦୫-ଏଚ୍-୪୮୪୮। ବିନା ହେଲମେଟରେ ଗାଡି ଚାଳନା ଯୋଗୁଁ ଏହି ଚାଲାଣ କଟିଥିବା ଉଲ୍ଲେଖ ରହିଥିଲା। ଅନ୍ୟ କେହି ଗାଡି ଚାଳକ ନିୟମ ଭାଙ୍ଗିଥିବା ବେଳେ ଏବେ ତାଙ୍କୁ ଦଣ୍ଡ ଗଣିବାକୁ ପଡ଼ିବ ବୋଲି ମାନସ ଅଭିଯୋଗରେ କହିଛନ୍ତି। ଏ ଦିଗରେ ପରିବହନ ବିଭାଗ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ, ୨୩।୧୨(ସମିସ):** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷିରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପିକା ଡଃ ଦୀପ୍ତିରେଖା ପାଢ଼ୀ ଏବଂ ଜୀବବିଜ୍ଞାନର ଅଧ୍ୟାପିକା ସବାନା ତରାନୁମ୍ ଏହି ଆତ୍ମରକ୍ଷା ଶିବିରକୁ ପରିଚାଳନା କରିଥିଲେ। ଶାରୀରିକ ବିଭାଗର ଅଧ୍ୟାପିକା ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



# ଏସ୍‌ୟୁସିଆଇ ନେତ୍ରୀ ବୀଣାପାଣି ଦାସଙ୍କ ପରଲୋକ

**ଖାନନଗରରେ ଅନ୍ତିମ ସଂସ୍କାର ସମ୍ପନ୍ନ**

**କଟକ, ୨୩।୧୨(ସମିସ):** ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ବରିଷ୍ଠ ନେତ୍ରୀ ବୀଣାପାଣି ଦାସଙ୍କ ଅନ୍ତିମ ସଂସ୍କାର କଟକର ଖାନନଗର ଶ୍ମଶାନଠାରେ ସମ୍ପନ୍ନ ହୋଇଯାଇଛି। ତାଙ୍କ ପାର୍ଥିବ ଶରୀରକୁ ପ୍ରଥମେ ମୁରାଦ ଖାଁ ପାଟଣାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ସାଧାରଣଙ୍କ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ଏହି ଅବସରରେ ଦଳର ନେତୃବୃନ୍ଦ ଦ୍ୱାରିକାନାଥ ରଥ, ଶଙ୍କର ଦାସଗୁପ୍ତା, ବିଷ୍ଣୁ ଦାସ, ସଦାଶିବ ଦାସ, ପୂର୍ବତନ ବିଧାୟକ ଶମ୍ଭୁନାଥ ନାୟକ ଏବଂ ନାରୀନେତ୍ରୀ ଛବି ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରି ନେତ୍ରୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶୋକାକୁଳ ପରିବେଶରେ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ବୀଣାପାଣି ଦାସଙ୍କୁ ଶେଷ ବିଦାୟ ଜଣାଇଥିଲେ। ସିପିଆଇ(ଏମ) ନେତା ରବିନାରାୟଣ ମଲ୍ଲିକ, ସିପିଆଇ ନେତା କିଶୋର ଜେନା, କଟକ ମେୟର ସୁବାସ ସିଂହ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଏବଂ କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ସମାଜ ପ୍ରତି ଥିବା ଅବଦାନକୁ ସ୍ମରଣ କରିଥିଲେ। ଏଥିସହିତ ଶ୍ରମିକ ନେତା ମନୋରଞ୍ଜନ ମହାରଣା, ସମାଜସେବୀ ଶୈଳ ବେହେରା, ଡକ୍ଟର ସତ୍ୟ ରାୟ ଏବଂ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ପ୍ରଣୟ ଦାସ ମଧ୍ୟ ତାଙ୍କ ସ୍ମୃତିଚାରଣ କରିଥିଲେ। ଡ. ନାରାୟଣ ମହାନ୍ତି, ପ୍ର. ଶଶିଭୂଷଣ ରାଉତ, ଆଇନଜୀବୀ ସୁକାନ୍ତ ନାୟକ, ଇଂ କ୍ଷୀରୋଦ ମହାପାତ୍ର ଏବଂ ପୂର୍ବତନ କର୍ପୋରେଟର ଜୟଦେବ ଜେନାଙ୍କ ଭଳି ବହୁ ଗଣ୍ୟମାନ୍ୟ ବ୍ୟକ୍ତି ପାର୍ଟି କାର୍ଯ୍ୟାଳୟରେ ପହଞ୍ଚି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନନ୍ଦକିଶୋର ବଳ ଜୟନ୍ତୀ



**କଟକ, ୨୩।୧୨(ସମିସ):** ପଲ୍ଲୀ-ପ୍ରକୃତି ତଥା ପଲ୍ଲୀ-ଜୀବନର ଚିତ୍ର ଓ ଚରିତ୍ରକୁ କାବ୍ୟ-କବିତାରେ ନିଛକ ଭାବେ ରୂପାୟତ କରିବାରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପ୍ରତିଭା ଅତୁଳନୀୟ। ସେ ଅନେକ କାବ୍ୟ-କବିତା, ଉପନ୍ୟାସ ଓ ପ୍ରବନ୍ଧର ସଫଳ ସ୍ରଷ୍ଟା। ତେବେ କାବ୍ୟ-କବିତା ରଚନା କ୍ଷେତ୍ରରେ ତାଙ୍କ ପାରଦର୍ଶିତା ପ୍ରଣିଧାନ ଯୋଗ୍ୟ। ସେସବୁ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ହୋଇ ରହିଛି ବୋଲି ମତ ପ୍ରକାଶ ପାଇଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ ଉତ୍ସବରେ ବକ୍ତାମାନେ ଏହି ମତ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନ ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ, ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ପ୍ରାକ୍ତନ ସଂଗଠନ ସମ୍ପାଦକ ଡ ସୁନାମଣି ରାଉତ, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ମୀରା ବେଉରାଙ୍କ ସମେତ ଗଜେନ୍ଦ୍ର ପାଣି, ଶରତଚନ୍ଦ୍ର ଦାଶ, ମନୋରଞ୍ଜନ ମହାପାତ୍ର ପଲ୍ଲୀକବିଙ୍କ ଜୀବନ ଓ କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପରିସରରେ ଥିବା କବି ନନ୍ଦକିଶୋର ଓ ଅନ୍ୟ ସାରସ୍ୱତ ପୂର୍ବସୂରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ହତ୍ୟା ଅଭିଯୁକ୍ତକୁ ଆଜୀବନ ଜେଲ୍

**କଟକ, ୨୩।୧୨(ସମିସ):** ନିଆଳି ଥାନା ଅନ୍ତର୍ଗତ ତଳଗୋପିନାଥପୁର ଗ୍ରାମରେ ଗତ ୩ ବର୍ଷ ପୂର୍ବରୁ ଘଟିଥିବା ଏକ ହତ୍ୟା ଘଟଣାରେ ଅଭିଯୁକ୍ତ ସେହି ଗ୍ରାମର ନୃସିଂହ ଚରଣ ସାହୁ (୬୦)କୁ କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଅଦାଲତ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୨୨ ଏପ୍ରିଲ ୧୬ ତାରିଖରେ ଜମିବାଡି ବିବାଦରୁ ଅର୍ଜୁନ ସାହୁ ଓ ତାଙ୍କ ପରିବାରକୁ ଆକ୍ରମଣ ଅଭିଯୋଗ ହୋଇଥିଲା। ଏଥିରେ ଅର୍ଜୁନ ଚରଣ ସାହୁଙ୍କ ମୃତ୍ୟୁ ହୋଇଥିଲା। ଆଇପିସିର ଦଫା ୩୦୨ ଅନୁଯାୟୀ ନିଆଳି ଥାନାରେ ୨୦୨୨ ଏପ୍ରିଲ ୧୭ ରେ ଏତଲା ପଞ୍ଜୀକୃତ ହୋଇଥିଲା। ଜମି ବିବାଦ ଯୋଗୁଁ ମୃତ ଅର୍ଜୁନ ଚରଣ ସାହୁଙ୍କ ଉପରେ ଆକ୍ରମଣ ହୋଇଥିବା ପୁଲିସ ତଦନ୍ତରେ ସ୍ପଷ୍ଟ ହୋଇଥିଲା। କଟକର ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଜୁନଙ୍କ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ସାକ୍ଷୀ ପ୍ରମାଣକୁ ଦୃଷ୍ଟିରେ ରଖି ଅଦାଲତ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ସିଲ୍ ହେଲା ଡାଇଗ୍ନୋଷ୍ଟିକ୍ ସେଣ୍ଟର

**କଟକ, ୨୩।୧୨(ସମିସ):** ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଷ୍ଟେଟ୍ ଇନ୍ସପେକ୍ସନ ଟିମ୍ କଟକର ବିଭିନ୍ନ କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରରେ ତନାଘନା କରିଛି। ଯାଞ୍ଚ ସମୟରେ ମଙ୍ଗଳାବାଗ କାଠଗୋଲା ଅଞ୍ଚଳରେ ଥିବା ବିଏସ୍‌ଆର ଡାଇଗ୍ନୋଷ୍ଟିକ ସେଣ୍ଟରରେ କାଗଜପତ୍ର ଠିକ୍ ନଥିବାରୁ ଏହାକୁ ସିଲ କରି ଦିଆଯାଇଛି। ୨୦୧୯ ମସିହାରୁ ଡାଇଗ୍ନୋଷ୍ଟିକ ସେଣ୍ଟର ଚଳାଇବା ପାଇଁ ଲାଇସେନ୍ସ ନାହିଁ। ଏହା ଅନ୍ୟ ଏକ କମ୍ପାନୀ ନାମରେ ପଞ୍ଜିକୃତ ରହିଛି। ଏହାସହ ଅନୈତିକ ଭାବେ ଏଠାରେ ସିଟି ସ୍କାନ, ଅଲଟ୍ରା ସାଉଣ୍ଡ, ଏମଆରଆଇ ଆଦି ପରୀକ୍ଷା କରାଯାଉଥିବା ଜଣାପଡ଼ିଥିଲା। ଏନେଇ ଅତିରିକ୍ତ ଜିଲାସ୍ୱାସ୍ଥ୍ୟ ଅଧିକାରୀ ଚିନ୍ତାମଣି ମିଶ୍ର କହିଛନ୍ତି ଯେ କଟକରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ସେଥିମଧ୍ୟରୁ ଗୋଟିଏକୁ ସିଲ କରାଯାଇଛି। ବେଆଇନ ଭାବେ ଡାଇଗ୍ନୋଷ୍ଟିକ ସେଣ୍ଟର କାର୍ଯ୍ୟ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ସୂଚନାଥାଉକି, ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ଘଟଣାକୁ ନଜରରେ ରଖି ଗତ ଏକ ମାସ ହେବ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକର ବିଭିନ୍ନ କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡିକରେ ଚଢ଼ଉ କରାଯାଇଛି। ଗତ ୨୫ ତାରିଖରେ କାଠଗୋଲା ଅଞ୍ଚଳର ଏକ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ମଧ୍ୟ ସିଲ କରାଯାଇଥିଲା।

# କଟକ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ




କଟକ,୨୩।୧୨(ସମିସ): କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖ ବିକୃତ କରିବା ବିରୋଧରେ ବିକ୍ଷୋଭ କରାଯିବା ସହିତ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ମନରେଗା ଯୋଜନା କଂଗ୍ରେସ ସରକାରଙ୍କ ଏକ ଐତିହାସିକ ଜନକଲ୍ୟାଣକାରୀ ଯୋଜନା, ଯାହା ଗ୍ରାମାଞ୍ଚଳର ଗରିବ ଓ ଶ୍ରମିକ ଲୋକଙ୍କୁ କାମ ଓ ସମ୍ମାନ ଦେଇଛି। ମହାତ୍ମା ଗାନ୍ଧୀଙ୍କ ନାମ ସହିତ ଯୋଜନାଟି ଜଡିତ ଥିବାରୁ ଏହାର ଐତିହ୍ୟ ଓ ଦର୍ଶନକୁ ବଦଳେଇବା ଚେଷ୍ଟା ଅଗ୍ରହଣୀୟ ବୋଲି ଗିରିବାଳା ବେହେରା କହିଥିଲେ। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ଶୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା ଓ ଜେ କାମେଶ୍ୱର ରାଓ, କଂଗ୍ରେସ ନେତା କେଦାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଇମ୍ଫା ପକ୍ଷରୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର




**ଚୌଦ୍ୱାର, ୨୩।୧୨(ସମିସ):** ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସ୍ଥାନୀୟ କଳାପ୍ରକାଶିନୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇମ୍ଫା ଚୌଦ୍ୱାର ପାୱାରପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଓ କଳାପ୍ରକାଶିନୀ କ୍ଲବ ସଭାପତି ବିଷ୍ଣୁଚରଣ ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବ ସଦସ୍ୟ ସୌମ୍ୟରଞ୍ଜନ ପରିଡ଼ା, ନିତ୍ୟାନନ୍ଦ ସ୍ୱାଇଁ, ସୁଧାଂଶୁ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଅସ୍ଥିଶଲ୍ୟ, ଭେଷଜ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି, କର୍ଣ୍ଣ ନାସା ଓ ଗଳା ବିଭାଗର ୬ଜଣ ଅଭିଜ୍ଞ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବଣ୍ଟନ କରିଥିଲେ। ଇମ୍ଫାର ଅଧିକାରୀଙ୍କ ମଧ୍ୟରେ ବବିତ ନନ୍ଦ, ଦେବାଶିଷ ତ୍ରିପାଠୀ, ମାନସ ପଣ୍ଡା, ପ୍ରଶାନ୍ତ ସାହୁ, ସଞ୍ଜୀବ ପୁରୋହିତ, ରମେଶ ସାହୁ, ସରୋଜ ସାହୁ, ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଇମ୍ଫାର ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫ୍‌ର ସ୍ଥିତପ୍ରଜ୍ଞା ଦାସ, ବିଶ୍ୱଜିତ ମିଶ୍ର, ମନୋଜ ମହାପାତ୍ରଙ୍କ ସମେତ ୧୦ଜଣ ସ୍ୱେଚ୍ଛାସେବୀ ପରିଚାଳନା କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ସଂଯୋଜନା କରିଥିଲେ।

**ନୂଆବର୍ଷ ପାଇଁ ପୁଲିସ ବ୍ୟବସ୍ଥା**

# କଡ଼ା ସୁରକ୍ଷା ବଳୟରେ ରହିବ ସିଲ୍‌ଭର୍ ସିଟି

**କଟକ, ୨୩।୧୨(ସମିସ)**

ନବବର୍ଷକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସନ୍ତା କାଲି ଠାରୁ ସହରରେ ସ୍ପେସାଲ୍ ଚେକିଂ, ବ୍ଲକିଂ ଓ ନାକାବନ୍ଦି ଆରମ୍ଭ କରାଯିବ। ମୁଖ୍ୟତଃ ନରାଜ, ଜୁଡିସିଆଲ୍ ଏକାଡେମୀ ଛକ, ଗଣ୍ଡରପୁର ଭଳି ସହରର ପ୍ରବେଶ ଓ ପ୍ରସ୍ଥାନ ପଥ ଗୁଡ଼ିକରେ ୨୪ଘଣ୍ଟିଆ ସ୍ପେସାଲ୍ ସ୍କ୍ୱାଡ୍ ଡ୍ୟୁଟି କରିବେ। ସହରର ବାର୍ ଓ ମଦ ଦୋକାନଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ଦିଆଯିବ। ଜିରୋ-ନାଇଟ୍‌କୁ ମାତ୍ର ୮ ଦିନ ରହୁଥିବା ବେଳେ ଏବେଠାରୁ ସହରରେ ନବବର୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଆରମ୍ଭ ହେଲାଣି। ଏସବୁକୁ ଦୃଷ୍ଟିରେ ରଖି ଥାନାୱାରୀ ସ୍ପେସାଲ୍ ପାଟ୍ରୋଲିଂ କରିବାକୁ ଡିସିପି ପିନାକ୍ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିରୋ-ନାଇଟ୍ ପୂର୍ବରୁ ସହରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ସମୁଦାୟ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ୨୪ଟି ପିସିଆର୍ ଭ୍ୟାନ୍ ଓ ୪୦ଟି ପିସିଆର୍ ବାଇକ୍ ସାରା ସହରରେ ନିୟୋଜିତ ହେବେ। ମଦ୍ୟପଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ବୁଲିବାର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଏଡିସିପି ଅମରେନ୍ଦ୍ର କହିଛନ୍ତି, ନବବର୍ଷରେ ଅପରାଧମୂଳକ କାର୍ଯ୍ୟକୁ ଦମନ କରିବା ପାଇଁ କମିସନରେଟ୍ ପୁଲିସ ସମସ୍ତ ବନ୍ଦୋବସ୍ତ କରିଛି। ଜିରୋ ନାଇଟ୍ ପୂର୍ବରୁ ଏବଂ ପରେ ଯେମିତି କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ସମସ୍ତ ଥାନାଧିକାରୀ, ଏଡିସିପି ଓ ଏସିପିମାନଙ୍କୁ ସତର୍କ କରାଯାଇଛି।

ପ୍ରତି ଥାନାର ଆଇଆଇସିଙ୍କ ନେତୃତ୍ୱରେ ଏଥର ଗୋଟିଏ ଲେଖାଁଏ ଟିମ୍ ଗଠନ କରାଯାଇ, ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସହରର ଓଏମପି ଛକ, କଲେଜ ଛକ, ମଙ୍ଗଳାବାଗ, ବକ୍ସିବଜାର ଛକ, ଚୌଧୁରୀବଜାର ଛକ, ରିଂରୋଡ଼, ମର୍କତନଗର, ସତୀଚଉରା ଛକ, ସେଲଟର ଛକ, ଛଣ୍ଡୀଛକ, ରାଣୀହାଟ, ବାଦାମବାଡ଼ି, ମଧୁପାଟଣା ଛକ ଓ ଖପୁରିଆ ଆଦି ସ୍ଥାନରେ ପୁଲିସ ପକ୍ଷରୁ ଷ୍ଟପ୍‌ବୋର୍ଡ ଲଗାଯାଇ ଚଳାଚଳ କରୁଥିବା ବାଇକକୁ ଓ ଅନ୍ୟାନ୍ୟ ୪ଚକିଆ ଯାନବାହନକୁ ଅଟକାଇ ଯାଞ୍ଚ କରାଯିବ। ଏହାଛଡ଼ା ନବବର୍ଷ ଦିନ ନିଶାଦ୍ରବ୍ୟ ସେବନ ଯୋଗୁଁ ପ୍ରତିବର୍ଷ ରାଜପଥରେ ବହୁ ଦୁର୍ଘଟଣା ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ଉଭୟ ଟ୍ରାଫିକ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ରାଜପଥରେ ଯାନବାହନ ଯାଞ୍ଚ କରାଯିବା ସହିତ ଆହତଙ୍କୁ ତୁରନ୍ତ ଡାକ୍ତରଖାନା ନେବା ଏବଂ ଦୁର୍ଘଟଣାଗ୍ରସ୍ତ ଯାନବାହନକୁ ତୁରନ୍ତ ରାସ୍ତାରୁ ହଟାଇବା ପାଇଁ ଆମ୍ବୁଲାନ୍ସ ସହିତ ଦୁଇଟି କ୍ରେନକୁ ସଜାଗ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ସହରର ପ୍ରବେଶ ପଥ ଗୁଡ଼ିକରେ ନାକାବନ୍ଦୀ କରାଯିବା ସହିତ ଭାରୀ ଯାନ ସହିତ ୪ଚକିଆ ଏବଂ ୨ଚକିଆ ଯାନକୁ ଅଟକାଇ ଯାଞ୍ଚ କରାଯିବ। ଏହି ଧରପଗଡ଼ କଟକ ସହର ସମେତ ଜଗତପୁର, ଚୌଦ୍ୱାର, କଟକ ସଦର, ବାରଙ୍ଗ, ସିଆରଆରଆଇ, ଓ କନ୍ଦରପୁର ଥାନାଞ୍ଚଳରେ ମଧ୍ୟ ଜାରି ରହିବ। ଜିରୋ ନାଇଟ୍ ପରଠାରୁ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଏହି ନାକାବନ୍ଦୀ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆଜି ଠାରୁ ଥାନାୱାରୀ ହୋଟେଲ୍ ଓ ଲଜିଂଗୁଡ଼ିକ ଯାଞ୍ଚ କରାଯାଉଛି। ଆଗନ୍ତୁକ ରେକର୍ଡ ଯାଞ୍ଚ ହେବା ସହିତ କେତେ ସଂଖ୍ୟାର ପର୍ଯ୍ୟଟକ କଟକ ସହର ମଧ୍ୟରେ ରହୁଛନ୍ତି, ତାହାକୁ ପୁଲିସ ତାଲିକାଭୁକ୍ତ କରୁଛି। ସେହିଭଳି ବିଳମ୍ବିତ ରାତିରେ ଚୋରା ମଦ କାରବାର ଉପରେ ପୁଲିସ ସ୍ୱତନ୍ତ୍ର ନଜର ରଖିଥିବା ଜଣାପଡ଼ିଛି।




- ସହର ଜଗିବେ ୧୫ ପ୍ଲାଟୁନ ଫୋର୍ସ
- ୨୪ ପିସିଆର୍ ଭ୍ୟାନ୍ ଓ ୪୦ ପିସିଆର୍ ବାଇକ୍
- ମଦ୍ୟପଙ୍କ ପାଇଁ ବୁଲିବ ସ୍ୱତନ୍ତ୍ର ସ୍କ୍ୱାଡ

